# Akashvani, Sambalpur

## SAMBALPURI NEWS EVENING BULLETIN

**04 October 2025- 7.02 pm- 7.12 pm.**

********************************************

୧- ଦକ୍ଷତା ଆଉ ନବସୃଜନ୍‌କେ ତହେଁକେଇକରି ସର୍‌କାର୍ ଭବିଷ୍ୟତ୍‌ର ନେତୃତ୍ୱ ନେବାର୍ ଲାଗି ଯୁବଶକ୍ତିକେ ତୟାର୍ କରୁଛନ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ମୁଲ୍ ହେଲା ପ୍ରଧାନ୍‌ମନ୍ତ୍ରୀ ସେତୁ ଯୋଜ୍‌ନା ।

୨- ନୂଆଦିଲ୍ଲୀ ନ ଉପରାଷ୍ଟ୍ରପତିଙ୍କୁ ଭେଟିକରି ଆଏବା ଦିନର୍ କାର୍ଯ୍ୟପନ୍ଥା ବାବ୍‌ଦେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ଠାନେ ୨ ଶହ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବା ବିପର୍ଯ୍ୟୟ ଭବନ୍ ।

ଆଉର୍

୪- ସୁସ୍ଥ ନାରୀ- ସଶକ୍ତ ପରିବାର୍ ଅଭିଯାନ୍‌ଥି ଜାତୀୟସ୍ତର୍ ନ ଭଲ୍ ପ୍ରଦର୍ଶନ୍ କରିଛେ ଓଡ଼ିଶା ।

- ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍‌କେ ୭୧ ହଜାର୍‌ନୁ ଅଏତ୍‌କା ସ୍ୱାସ୍ଥ୍ୟ ଶିବିର୍‌ର ହେଇଛେ ଆୟୋଜନ୍ ।

ପିଏମ୍ ୟୁଥ୍ ସ୍କିମ୍          ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ଠାନେ ୬୨ ହଜାର୍ କୋଟି ନୁ ଅଏତ୍କା ଟଙ୍କାର୍ ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟୋଗ୍ ବାବଦ୍ ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ଯୁବପିଢ଼ିଙ୍କର୍ ବିକାଶ୍ ଲାଗି ଆଏଜ୍ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ହେଇଥିବା ପୋଷଣ୍ ଦିକ୍ଷାନ୍ତ ସମାରୋହଥି ଯୋଗ୍ ଦେଇକରି ଶ୍ରୀ ମୋଦୀ ପ୍ରଧାନ୍ମନ୍ତ୍ରୀ ସେତୁ ଯୋଜ୍ନାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍ସରେ ଶ୍ରୀମୋଦୀ କହିଛନ୍, ରାଷ୍ଟ୍ର ନିର୍ମାଣ୍ଥି ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେସି । ଦକ୍ଷତା ବିକାଶ୍ ଆଉ ନୂଆଁ ସୃଜନ୍କେ ତହଁକାବାର୍ ଲାଗି ସର୍କାର୍ ଭବିଷ୍ୟତ୍ର ନେତୃତ୍ୱ ନେବାର୍ ଲାଗି ଯୁଆନ୍ ପିଢ଼ିକେ ପ୍ରସ୍ତୁତ୍ କରୁଛନ୍ । ଭାରତ୍ ଦକ୍ଷତା ଆଉ ଜ୍ଞାନ୍ର ଦେଶ୍ ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ)

ପିଏମ୍ ସେତୁ ଯୋଜ୍ନାଥି ଦେଶର୍ ୧ ହଜାର୍ନୁ ଅଏତ୍କା ଆଇଆଇଟିର ରୂପାନ୍ତରଣ୍ କରାଯିବା । ଇତାର୍ ସହେତେ ପ୍ରଧାନ୍ମନ୍ତ୍ରୀ ଆଏଜ୍ ଦେଶର୍ ୩୪ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ଥିବା ୪ ଶହ ଟା ନବୋଦୟ ବିଦ୍ୟାଳୟ ଆଉ ୨ ଶହ ଟା ଏକଲବ୍ୟ ଆଦର୍ଶ ବିଦ୍ୟାଳୟର୍ ୧ ହଜାର୍ ୨ ଶହ ଟା ଦକ୍ଷତା ଲେବ୍ର ଶୁଭାରମ୍ଭ କରିଛନ୍ ।

## ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ I&PR

୬୮ ନମ୍ବର୍ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଆଉ ୯ ନମ୍ବର୍ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀଥି଼ ଯୋଗ୍ ଦେବାର୍ ଲାଗି ବାଚସ୍ପତି ସୁରମା ପାଢ଼ୀ ଆଏବା ୫ ତାରିଖ୍‌ନୁ ୧୯ ତାରିଖ୍‌ତକ୍ ବିଦେଶ୍ ଗସ୍ତଥି଼ ଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ନ ୫୬ ଟା ଦେଶ୍ ସଭ୍ୟ ଥି଼ବାର୍ ବେଲେ ଭାରତ୍ ଇତାର୍ ଭିତ୍‌ରୁ ସବୁନୁ ବଡ଼ ରାଷ୍ଟ୍ର । ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲାଙ୍କର୍ ନେତୃତ୍ୱଥି଼ ରାଜ୍ୟସଭାର୍ ଉପାଧ୍ୟକ୍ଷ ହରିବଂଶ ସଂସଦ୍‌ର ସଦସ୍ୟ, ୨୨ ଟା ରାଜ୍ୟର୍ ବାଚସ୍ପତି, ଉପବାଚସ୍ପତି ଆଉ ସଚିବମାନେ ଇ ସମ୍ମିଳନୀଥି଼ ଯୋଗ୍ ଦେବେ ।

## ସୁସ୍ଥ ନାରୀ, ସଶକ୍ତ ପରିବାର୍ ଏକ୍ସ

ଦେଶେ ସୁସ୍ଥ ନାରୀ, ସଶକ୍ତ ପରିବାର୍ ଅଭିଯାନ୍‌ଥି଼ ୬ କୋଟି ୫୦ ଲାଖ୍ ମହିଳାଙ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା ହେଇଥି଼ବାର୍ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ । ଶ୍ରୀ ନଡ୍ଡା କହିଛନ୍ ସୁସ୍ଥ ନାରୀ, ସଶକ୍ତ ପରିବାର୍ ଅଭିଯାନ୍ ଗଲାକାଏଲ୍ ଶେଷ୍ ହେଇଛେ । ଗଲା ମାସ ୧୭

ତାରିଖ୍‌ନୁ ମୁଲ୍ ହେଇଥିବା ଇ ଅଭିଯାନ୍‌ଥି ସାରା ଦେଶେ ୧୮ ଲାଖ୍ ସ୍ୱାସ୍ଥ୍ୟ ଶିବିର୍‌ର ଆୟୋଜନ୍ କରାଯାଇଥିଲା । ଇ ଅସାଧାରଣ୍ ସଫଲତା ଦେଶେ ମହିଲାମାନ୍‌କର୍ ସ୍ୱାସ୍ଥ୍ୟର୍ ଲାଗି ସଚେତନତା ଆଉ ସାମୂହିକ୍ ଚେରେଷ୍ଟାର୍ ପ୍ରତିଫଲନ୍ ଆଏ ବଲି ଶ୍ରୀ ନଡ୍ଡା କହିଛନ୍ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୨ ଦିନିଆ ଦିଲ୍ଲୀ ଗସ୍ତଥି ଯାଇଛନ୍ । ଦିଲ୍ଲୀ ନ ଶ୍ରୀ ମାଝୀ ଆଏଜ୍ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ସୌଜନ୍ୟମୂଳକ୍ ସାକ୍ଷାତ୍‌କାର୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିକାଶ୍‌ମୂଳକ୍ କାମ୍, ଜନକଲ୍ୟାଣ୍ ଯୋଜ୍‌ନା ବାବ୍‌ଦେ ଆଲୋଚନା କରିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କୁ ଓଡ଼ିଶା ଭିଜନ୍ -୨୦୩୬ ଆଉ ୨୦୪୭ ଦେବାର୍ ସହେତେ ରାଜ୍ୟର୍ ଦୀର୍ଘମିଆଦୀ ଲକ୍ଷ୍ୟ ବାବ୍‌ଦେ ଜନେଇଛନ୍ । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟିଛନ୍ । ଇ ସମିଆଥି ଭିନ୍ ଭିନ୍ ବିଷେ, ରାଜନୈତିକ୍ ପରିସ୍ଥିତି ଆଉ ଭବିଷ୍ୟତ୍‌ର କାର୍ଯ୍ୟପନ୍ଥା ବାବ୍‌ଦେ ଆଲୋଚନା ହେଇଥିବାର୍ ଶ୍ରୀ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ଥି ଜନେଇଛନ୍ । ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ

ସମିଆଥି ଅଲ୍‌ଗା କେନ୍ଦ୍ରମନ୍ତ୍ରୀମାନ୍‌କୁ ଭିଲ୍ ଭେଟ୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି      ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଆଏବା ସୋମ୍‌ବାର୍ ୬ ତାରିଖ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦ୍‌ପତ୍ର ଜରିଏ ସାଧାରଣ୍ ଲୁକ୍‌କୁ ଜନେଇ ଦିଆଯିବା ।

ଜିଏସ୍‌ଟି       ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ଜିଏସ୍‌ଟି ସଂସ୍କାର୍‌କେ ନେଇକରି ନିଆଯାଇଥିବା ନିଷ୍ପତି ଲାଗି ସମାଜ୍‌ର ସବୁ ବର୍ଗର୍ ଲୁକେ ଉପକୃତ ହେଉଛନ୍ । ଇ କଡ଼ିଥି ଆଏଜ୍ ଜାନ୍‌ମା ବାଣିଜ୍ୟିକ୍ ମାଲ୍‌ଗାଡ଼ି ଯାତାୟତ୍ କେନ୍ତାକରି ସହଜ୍ ଆଉ ସୁଗମ୍ ହେଇପାରିଛେ । ପରିବହନ୍ କ୍ଷେତ୍ରଥି ଜିଏସ୍‌ଟି ସଂସ୍କାର୍ ଆଶ୍ୱସ୍ତି ଦେଇଛେ । ଟ୍ରକ୍ ଆଉ ଭେନ୍ ବାଗିର୍ ବାଣିଜ୍ୟିକ୍ ମାଲ୍‌ଗାଡ଼ି ପରିବହନ୍ ଉପ୍‌ରେ ଭିଲ୍ ଜିଏସ୍‌ଟି ଦର୍ କମ୍

କରାଯାଇଛେ । ଆଘୋନୁ ଇଥିର୍‌ଲାଗି ୨୮ ପ୍ରତିଶତ୍ ଟିକସ୍ ଦେବାର୍‌କେ ପଡୁଥିବାର୍ ବେଲେ ଇହାଦେ ଇଟା କମିକରି ୧୮ ପ୍ରତିଶତ୍ ହେଇଛେ । ଇ ନିଷ୍ପତି ଲାଗି ସାରା ଦେଶେ ମାଲ୍‌ଗାଡ଼ି ଚଲାଚଲ୍ ଆହୁରି ସୁବିଧା ଜନକ୍ ହେଇପାରିଛେ ।

ବିପର୍ଯ୍ୟୟ ଭବନ୍ ନିର୍ମାଣ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିପର୍ଯ୍ୟୟର୍ ମୁକାବିଲା ଲାଗି ସର୍‌କାର୍ ବିପର୍ଯ୍ୟୟ ଭବନ୍ ତିଆର୍ କର୍‌ବେ ବଲି ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଆଏବା ୨ ବଛର୍ ଭିତ୍‌ରେ ୨ ଶହ କୋଟି ଟଙ୍କା ଖର୍ଚ୍ଚାଥି ଇ ବିପର୍ଯ୍ୟୟ ଭବନ୍ ତିଆର୍ କରାଯିବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ପାଶେ ହେବାର୍‌କେ ଥିବା ଇ ଭବନ୍ ନ ସ୍ୱତନ୍ତ୍ର ରିଲିଫ୍ କମିଶନର୍-ଏସ୍‌ଆର୍‌ସି, ଅଗ୍ନିଶମ, ଆଉ ପାଣିପାଗ ବିଭାଗ୍ ଏକାସାଙ୍ଗେ କାମ୍ କର୍‌ବେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସହଯୋଗ୍‌ଥି ବିପର୍ଯ୍ୟୟର୍ ମୁକାବିଲା ଲାଗି ଅତ୍ୟାଧୁନିକ୍ କୌଶଲ୍‌ର ବେଭାର୍ କରାଯିବା ବଲି ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ରାଜସ୍ୱ ମନ୍ତ୍ରୀ ଭୂସ୍ଖଳନ ହି.ସ.

ରାଜ୍ୟର୍ ପାହାଡ଼ିଆ ଇଲାକା ନ ମାଏନ୍ ଖସ୍‌ରୁଥିବା ଜାଗା ମାନ୍‌କେ ଚିହ୍ନଟ୍ କରାଯାଇକରି ମାଷ୍ଟର୍ ପ୍ଲାନ୍ ତିଆର୍ କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଭୁସ୍ଖଲନ୍ ଲାଗି ପଥର୍ ଖସ୍‌ରିକରି ଜୀବନ୍‌ହାନୀକେ ରୁକ୍‌ବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନେଉଛନ୍ । ବର୍ଷା ଲାଗି ଧୁଇ ହେଇଯାଉଥିବା ତଲିଆ ରାସ୍ତା ମାନ୍‌କୁ ଚିହ୍ନଟ୍ କରିକରି ସେସବୁକେ ଉଚା କରାଯିବାର୍ ଲାଗି ଜିଲ୍ଲାପାଲ୍‌ମାନଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ସୁସ୍ଥ ନାରୀ- ସଶକ୍ତ ପରିବାର୍ -ଓଡ଼ିଶା ଭୁବନେଶ୍ୱର୍

ସମ୍ବାଦଦାତା

ସୁସ୍ଥ ନାରୀ- ସଶକ୍ତ ପରିବାର୍ ଅଭିଯାନ୍‌ଥି ଓଡ଼ିଶା ଜାତୀୟ ସ୍ତର୍ ନ ଶିଘା ଠାନ୍ ପାଇକରି ସ୍ୱାସ୍ଥ୍ୟକ୍ଷେତ୍ରଥି ଭଲ୍ ପ୍ରଦର୍ଶନ୍ କରିଛେ । ମହିଳାମାନ୍‌କର୍ ସ୍ୱାସ୍ଥ୍ୟ ଜରିଏ ପରିବାର୍‌କେ ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି ଇ ଅଭିଯାନ୍ ମୁଲ୍ କରାଯାଇଥିଲା । ଗଲା ସେପ୍ଟେମ୍ବର୍ ୧୭ ତାରିଖ୍‌ନୁ ଅକ୍ଟୋବର୍ ୨ ତାରିଖ୍‌ତକ୍ ଚାଲିଥିବା ଇ ଅଭିଯାନ୍‌ଥି

ସ୍ୱାସ୍ଥ୍ୟସେବା ଆଉ ସଚେତନତା କରାଯାଇଥିଲା । ଦେଶର୍ ଗାଁ ଆଉ ସହରାଂଚଲ୍ ନ ଆରୋଗ୍ୟ ମନ୍ଦିର୍ ପ୍ରାଥମିକ ଆଉ ସାମୁଦାୟିକ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ୭୧ ହଜାର୍‌ନୁ ଅଏତ୍‌କା ସ୍ୱାସ୍ଥ୍ୟ ଶିବିର୍‌ର ଆୟୋଜନ୍ କରାଯାଇଥିଲା । ଇ ସ୍ୱାସ୍ଥ୍ୟ ଶିବିର ଆୟୋଜନ୍‌ଥି ଓଡ଼ିଶା ଜାତୀୟ ସ୍ତର୍ ନ ୪ ନମ୍ବର୍ ଠାନେ ରହିଛେ । ଇ ସମିଆ ଭିତ୍‌ରେ ପାଖାପାଖି ୧ କୋଟିନୁ ଅଏତ୍‌କା ମହିଳାଙ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛେ । ଯେନ୍‌ଟା ଦେଶେ ଦୁଇନମ୍ବର୍ ବଡ଼ ଉପଲବ୍ଧି ଆଏ । ଇତାର୍‌ଛଡ଼ା ଭିନ୍ ଭିନ୍ ଜିଲ୍ଲା ନ ହେଇଥିବା ୫ ଶହ ୨୩ ଟା ସ୍ୱେଚ୍ଛାସେବୀ ରକ୍ତଦାନ୍ ଶିବିର୍ ଜରିଏ ୩୨ ହଜାର୍ ୮ ଶହ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛେ ।

ବିଶ୍ୱ ପ୍ରାଣୀ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱ ପ୍ରାଣୀ ଦିବସ୍ । ସାରା ପୁର୍‌ଥି ନ ଜୀବଜନ୍ତୁମାନ୍‌କର୍ କଲ୍ୟାଣ୍ ଲାଗି ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍, ଗୁଟେ ସନ୍ତୁଲିତ୍ ପରିବେଶ୍ ଆଉ ଜୈବ ବିବିଧତାକେ ବଜାୟ ରଖିବାର୍ ଲାଗି ପ୍ରାଣୀମାନ୍‌କର୍ ଖାସ୍ ଭୂମିକା ରହିଛେ । ପ୍ରାଣୀମାନ୍‌କର୍ ଲାଗି ସମ୍ବେଦନ୍‌ଶୀଲ୍ ହେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ଜଙ୍ଗଲ୍ ଆଉ

ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍, ବନ୍ୟପ୍ରାଣୀଙ୍କର୍ ସୁରକ୍ଷା ଆଉ ସଂରକ୍ଷଣ୍ ଲାଗି ରାଜ୍ୟ ସର୍କାର୍ ଖାସ୍ ପଦକ୍ଷେପ୍ ମାନ୍ ନେଉଛନ୍ । ରାଜ୍ୟର୍ ଜଙ୍ଗଲ୍, ବାଘ୍, ହାତୀ, ଭାଲୁ ବାଗିର୍ ବନ୍ୟପ୍ରାଣୀମାନ୍କର୍ ନିରାପଦ୍ ଆଶ୍ରୟସ୍ଥଲୀ ହେଇଛେ । ବନ୍ୟପ୍ରାଣୀମାନ୍କର୍ ସୁରକ୍ଷା ଆଉ ସଂରକ୍ଷଣ୍କେ ନଜର୍ଥି ରଖିକରି ଶିକାରୀମାନ୍କର୍ ଲାଗି ଶୂନ୍ୟ ସହନ୍ଶୀଳତା ନୀତି ଅପ୍ନାବାର୍ ସହେତେ କଡ଼ା କାର୍ଯ୍ୟାନୁଷ୍ଠାନ୍ର ବ୍ୟବସ୍ଥା ରହିଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ । ରାଏଜେ ଗଲା ୨ ତାରିଖ୍ନୁ ଆଏବା ୮ ତାରିଖ୍ତକ୍ ବନ୍ୟପ୍ରାଣୀ ସପ୍ତାହ ପାଲନ୍ କରାଯାଉଛେ ।

ନିତ୍ୟାନନ୍ଦ ଗଣ୍ଡ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ସ୍କୁଲ୍ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୂଆପଡ଼ା ଜିଲ୍ଲା ଗସ୍ତଥି ଆସିକରି ଗୁଟେ ସମୀକ୍ଷା ବୈଠକ୍ଥି ଯୋଗ୍ ଦେଇଛନ୍ । ଇ ଅବ୍ସରେ ମନ୍ତ୍ରୀ ଜିଲ୍ଲା ନ ଅଧା ନୁ ପାଠ୍ ଛାଡୁଥିବା ଛାତ୍ରଛାତ୍ରୀମାନ୍କୁ ସ୍କୁଲ୍କେ ଆନିକରି ଫେର୍ଥରେ ନାଁ ଲେଖାବାର୍ ଆଉ ସେମାନ୍କୁ ଉପଯୁକ୍ତ ଶିକ୍ଷା ଦେବାର୍କେ ଆହ୍ୱାନ୍ ଦେଇଛନ୍ । ଜିଲ୍ଲା ନ ସ୍କୁଲ୍ ଚାଲ ଅଭିଯାନ୍କେ ନେଇକରି ଅଲ୍ଗା ଢ଼ଙ୍ଗେ ଶୋଭାଯାତ୍ରା କରିକରି ଲୁକ୍କୁ ସଚେତନ୍ କର୍ବାର୍ ଲାଗି ମନ୍ତ୍ରୀ ଆହ୍ୱାନ୍

ଦେଇଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନାଟ୍ୟବିତ୍ ଉମେଶ୍ ପ୍ରସାଦ୍ ରଥ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରର୍ ବିଶିଷ୍ଟ ନାଟ୍ୟବିତ୍ ଉମେଶ୍ ପ୍ରସାଦ୍ ରଥଙ୍କର୍ ଆଏଜ୍ ମଏଧାନେ ପରଲୋକ୍ ହେଇଯାଇଛେ । ମୃତ୍ୟୁ ବେଲ୍‌କେ ତାହାକୁ ୮୭ ବଛର୍ ବୟସ୍ ହେଉଥିଲା । ସମ୍ବଲ୍‌ପୁର୍ ଆକାଶ୍‌ବାଣୀ ନ ୧୯୭୨ ମସିହା ନ ନାଟ୍ୟଶିଳ୍ପୀ ଭାବେ ମନୋନୀତ୍ ହେଇକରି ଶହେ ନୁ ଅଏତ୍‌କା ନାଟକ୍‌ଥି ସେ ଭାଗ୍ ନେଇଥିଲେ । 'ନାଟ୍ ନାଟୁଆ' ତର୍‌ଫୁ ସ୍ୱର୍ଗତ ଶ୍ରୀ ରଥ ନାଟ୍ୟ ଭବଭୂତି ସମ୍ମାନ୍‌ଥି ସମ୍ମାନିତ୍ ହେଇଥିଲେ ।

ନିଯୁକ୍ତି ଶିବିର୍- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ନିୟୋଜନ୍ କାର୍ଯ୍ୟାଳୟର୍ ମିଲିତ୍ ସହଯୋଗ୍‌ଥି ଶିକ୍ଷିତ୍ ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ରୋଜ୍‌ଗାର୍ ଯୁଗେଇ ଦେବାର୍ ଲାଗି ୩ ଟା ନିଯୁକ୍ତି ଶିବିର୍‌ର ଆୟୋଜନ୍ କରାଯିବା । ଅର୍ନ୍ତରାଷ୍ଟ୍ରୀୟ ଭାରତୀୟ ସୁରକ୍ଷା କମ୍ପାନୀ ତର୍‌ଫୁ ଇ ମାସର୍ ୮ ନୁ ୧୦ ତାରିଖ୍‌ତକ୍ ସୁରକ୍ଷା

ଜବାନ୍, କେସ୍ ସର୍ଭିସ୍, ସୁରକ୍ଷା ଅଧିକାରୀ ପଦ୍‌ବୀ ଲାଗି ସବୁ ବ୍ଲକ୍ କାର୍ଯ୍ୟାଲୟ ନ ଚୟନ୍ ଆଉ ପଞ୍ଜିକରଣ୍ ଶିବିର୍ ହେବା । ବଛା ହେଇଥିବା ପ୍ରାର୍ଥୀମାନ୍‌କୁ କେନ୍ଦ୍ର ସର୍‌କାର୍‌ଙ୍କର୍ ଗୃହ ମନ୍ତ୍ରଣାଳୟ ତର୍‌ଫୁ ପ୍ରଶିକ୍ଷଣ୍ ଦିଆଯିବା ।

ନୂଆପଡ଼ା- ବର୍ଷା ନୂଆପଡ଼ା ସମ୍ବାଦଦାତା

ଲଘୁଚାପ୍ ଲାଗି ହେଇଥିବା ବର୍ଷା ନୁ ନୂଆପଡ଼ା ଜିଲ୍ଲାର୍ କୋମ୍‌ନା ବ୍ଲକ୍ ନ ଯା’ଆସ୍ ବାଧାପ୍ରାପ୍ତ ହେଇଛେ । ବଏଢ୍ ଲାଗି ଛତା ନୁ ମଖାଭଟା ଆଉ ମାଲକମୁଣ୍ଡା ନୁ କୁଞ୍ଜାଲ୍‌ପଡ଼ା ସଡ଼କ୍ ଧୁଇ ହେଇଯାଇଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ । ଗଲାକାଏଲ୍ କୋମ୍‌ନା ଇଲାକା ନ ଶହେ ୭୬ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲପୁର,

ଝାର୍‌ସୁଗୁଡ଼ା, ବର୍‌ଗଡ୍‌, ସୁନ୍ଦର୍‌ଗଡ୍‌, ଦେବ୍‌ଗଡ୍‌ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୩ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଞ୍ଝର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୮ ଦଶ୍‌ମିକ୍ ୧/୨ ଫୁଟ୍ ରହିଛେ ।